# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 24 August - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ଲାଗି ସାମ୍ବିଧାନିକ ନିୟମ ଅନୁସାରେ ସଂରକ୍ଷଣ ଦେବାକୁ ବିଧାନସଭାରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କଲେ ବିରୋଧୀ ଦଳ ସଦସ୍ୟ
- ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରର ବୈଷୟିକ ଯାଞ୍ଚ କରିବା ପାଇଁ ପ୍ରତ୍ନତତ୍ତ୍ୱ ବିଭାଗକୁ ଅନୁରୋଧ କଲେ ଶ୍ରୀନ୍ଦିର ମୁଖ୍ୟ ପ୍ରଶାସକ
- ସରକାରୀ ଛୁଟି ଥିବାରୁ ଆସନ୍ତା ସୋମବାର ଦିନ ମୁଖ୍ୟମନ୍ତ୍ରୀଙ୍କର ଜନ ଅଭିଯୋଗ ଶୁଣାଣି ରହିବ ବନ୍ଦ

ଏବଂ

- ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତାକାଲି ପର୍ଯ୍ୟନ୍ତ ଲାଗି ରହିବ ବର୍ଷା

## ବିଧାନସଭା- ୧

ସପ୍ତଦଶ ବିଧାନସଭା ଦ୍ୱିତୀୟ ଅଧିବେଶନର ପଞ୍ଚମ ଦିନରେ ଆଜି ପ୍ରଶ୍ନକାଳରେ ବିରୋଧୀ ଦଳ ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗରେ ହଟ୍ଟଗୋଳ କରିବାରୁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ବାଚସ୍ପତି ସୁରମା ପାଢ଼ି ପ୍ରଥମେ ଗୃହକୁ ୧୦ଟା ରୁ ୧୧ଟା ୫୭ ଏବଂ ପରେ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଛନ୍ତି। ଶୂନ୍ୟକାଳରେ କଂଗ୍ରେସ ଦଳର ନେତା ରାମଚନ୍ଦ୍ର କାଡାମ ଗୃହରେ ସଂରକ୍ଷଣ ପ୍ରସଙ୍ଗ ଉତ୍ଥାପନ କରିଥିଲେ। ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରି ଶ୍ରୀ କାଡ଼ାମ କହିଥିଲେ, ରାଜ୍ୟରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପଛୁଆ ବର୍ଗର ମୋଟ ଜନସଂଖ୍ୟାର ୯୪ ପ୍ରତିଶତ ଅଛନ୍ତି। ମାତ୍ର ସେମାନଙ୍କୁ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ସଂରକ୍ଷଣ ବ୍ୟବସ୍ଥା ମିଳିପାରୁନାହିଁ। ବିଶେଷ କରି ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ବର୍ଗକୁ ସଂଖ୍ୟା ଅନୁପାତରେ ଉଚ୍ଚଶିକ୍ଷା କ୍ଷେତ୍ରରେ ମାତ୍ର ୨୦ ପ୍ରତିଶତ ସଂରକ୍ଷଣ ଦିଆଯାଉଛି। ସେହିଭଳି ପଛୁଆବର୍ଗଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ନେଇ ନିୟମ ଥିଲେ ମଧ୍ୟ ଏହାକୁ ଦୀର୍ଘବର୍ଷ ଧରି ସରକାର ପାଳନ କରୁନାହାଁନ୍ତି। ଯାହା ଫଳରେ ପଛୁଆବର୍ଗର ଛାତ୍ରଛାତ୍ରୀମାନେ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଉଚିତ ସ୍ଥାନ ସଂରକ୍ଷଣ ପାଇପାରୁନାହାଁନ୍ତି। ବିଜେଡି ବିଧାୟକ ଅରୁଣ କୁମାର ସାହୁ ମଧ୍ୟ ଗୃହରେ

ସମାନ ଦାବି ଉପସ୍ଥାପନ କରିଥିଲେ। ସୂଚନାଯୋଗ୍ୟ, ଆସନ୍ତା ୨୯ ତାରିଖରୁ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବ। ନାମଲେଖା ପ୍ରକ୍ରିୟାରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପଛୁଆବର୍ଗର ଛାତ୍ରଛାତ୍ରୀମାନଙ୍କୁ ସାମ୍ବିଧାନିକ ନିୟମ ଅନୁସାରେ ସ୍ଥାନ ସଂରକ୍ଷଣ କରିବା ପାଇଁ  ଗୃହରେ ବାଚସ୍ପତିଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ।

***BBSR***

## ବିଧାନସଭା-୨

ବିଜେଡି ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ମାଧବ ଧଡ଼ାଙ୍କ ବିରୁଦ୍ଧରେ ଆଜି ବିଧାନସଭାରେ ନିନ୍ଦା ପ୍ରସ୍ତାବ ଗୃହିତ ହୋଇଛି। ପ୍ରଶ୍ନକାଳରେ ଗତକାଲି ଉଭୟ ବିଧାୟକ ଗୃହରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ଅଭିଯୋଗ ହୋଇଥିଲା। ଶାସକ ଦଳର ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଆଜି ଗୃହରେ ଏହି ଦୁଇ ବିଧାୟକଙ୍କ ବିରୁଦ୍ଧରେ ନିନ୍ଦା ପ୍ରସ୍ତାବ ଆଗତ କରିବା ପାଇଁ ଦାବି କରିଥିଲେ। ଶାସକ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ ଏହି ପ୍ରସ୍ତାବକୁ ଆଗତ କରିଥିଲେ। ପ୍ରସ୍ତାବକୁ ଆଗତ କରି ଶ୍ରୀ ପ୍ରଧାନ କହିଥିଲେ, ଉଭୟ ବିଧାୟକ ଉଦ୍ଦେଶ୍ୟମୂଳକ ଭାବେ ଗୃହକାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ସଂସଦୀୟ ପରମ୍ପରାରେ ଅନୁସାରେ, ବାଚସ୍ପତିଙ୍କ ସମ୍ମୁଖରେ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିବା ଏକ ନିନ୍ଦନୀୟ କାର୍ଯ୍ୟ। ଶାସକ ଦଳର ମୁଖ୍ୟ ସଚେତକଙ୍କ ପ୍ରସ୍ତାବ

ଉପରେ ଗୃହରେ ଧ୍ୱନିମତରେ ଦୁଇ ବିଧାୟକଙ୍କ ବିରୁଦ୍ଧରେ ନିନ୍ଦା ପ୍ରସ୍ତାବ ପାରିତ ହୋଇଥିଲା ।

***Puri***

## ପୁରୀ– ରତ୍ନଭଣ୍ଡାର

ରାଜ୍ୟ ସରକାରଙ୍କର ଅନୁମୋଦିତ ମାର୍ଗଦର୍ଶିକା– ଏସ୍‌ଓପି ଅନୁସାରେ ପୁରୀ ଶ୍ରୀମନ୍ଦିରର ବାହାର ଓ ଭିତର ରତ୍ନଭଣ୍ଡାରରୁ ସମସ୍ତ ସ୍ଥାନାନ୍ତରଣ ପ୍ରକ୍ରିୟା ଶେଷ ହେବାପରେ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ବିଭାଗ– ଏ.ଏସ୍.ଆଇ. ଏହାର ସଂରକ୍ଷଣ ଓ ମରାମତି କାର୍ଯ୍ୟ କରିବ । ତେବେ ଏହା ପୂର୍ବରୁ ପରିଚାଳନା କମିଟିର ନିଷ୍ପତ୍ତି ଆଧାରରେ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ବିଭାଗ ଦ୍ୱାରା ରତ୍ନଭଣ୍ଡାରର ସାମଗ୍ରୀକ ବୈଷୟିକ ଯାଞ୍ଚ କରାଯିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ି ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ବିଭାଗକୁ ଚିଠି ଲେଖିଛନ୍ତି । ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଏହି ସର୍ଭେ କରାଯିବାକୁ ଅନୁରୋଧ କରାଯାଇଛି । ରତ୍ନଭଣ୍ଡାରର ସାମଗ୍ରୀକ ବୈଷୟିକ ଯାଞ୍ଚ ଶେଷ ହେବା ପରେ ତୁରନ୍ତ ସଂରକ୍ଷଣ ଏବଂ ମରାମତି କାମ ଆରମ୍ଭ କରିବା ପାଇଁ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ବିଭାଗକୁ ଅନୁରୋଧ କରାଯାଇଛି । ରତ୍ନଭଣ୍ଡାରର ମରାମତି ପରେ ଅସ୍ଥାୟୀ ଭାବେ ରଖାଯାଇଥିବା ଶ୍ରୀଜୀଉମାନଙ୍କର ଅଳଙ୍କାର ଏବଂ ମୂଲ୍ୟବାନ ସାମଗ୍ରୀଗୁଡ଼ିକର ଗଣତି, ମଣତି କରାଯାଇ ପୁଣିଥରେ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବ ବୋଲି ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ କହିଛନ୍ତି ।

*CTC*

## ମୁଖ୍ୟମନ୍ତ୍ରୀ– ଜନଶୁଣାଣି

ଭୁବନେଶ୍ୱର ୟୁନିଟ୍‌-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆସନ୍ତା ସୋମବାର ଅଗଷ୍ଟ ୨୬ ତାରିଖରେ ଜନଶୁଣାଣି ବନ୍ଦ ରହିବ। ସରକାରୀ ଛୁଟି ଦିବସ ଥିବାରୁ ଏହି ଦିନ ଜନଅଭିଯୋଗ ଶୁଣାଣି ବନ୍ଦ ରହିବ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

*Desk*

# ପାଣିପାଗ

ଉତ୍ତର ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟର ପ୍ରଭାବରେ ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବର୍ଷାର ସମ୍ଭାବନା ଅଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ସମ୍ବଲପୁର, ଦେବଗଡ଼, ମୟୁରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଅନୁଗୁଳ, ସୁନ୍ଦରଗଡ଼, ଝାରସୁଗୁଡ଼ା ଜିଲ୍ଲାର କେତେକ ସ୍ଥାନରେ ଆଜି ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କାର୍ଯ୍ୟାଳୟଙ୍କ ପକ୍ଷରୁ ଏହି ସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସତର୍କ ସୂଚନା ଜାରି କରାଯାଇଛି। ପାଣିପାଗ ବିଜ୍ଞାନୀମାନଙ୍କର ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ଦୁଇ ସପ୍ତାହରେ ରାଜ୍ୟରେ ସମୁଦାୟ ବର୍ଷାର ପରିମାଣ ସ୍ୱାଭାବିକଠାରୁ ଅଧିକ ରହିବ।

ରାଜ୍ୟର ଉପକୂଳ, ପଶ୍ଚିମ ଓ ଉତ୍ତର ଭାଗରେ ଅଧିକ ବର୍ଷାର ସମ୍ଭାବନା ରହିଛି ।

***Desk***

## ବାଲେଶ୍ୱର – ବନ୍ୟା ଜଳ

ଉପର ମୁଣ୍ଡରେ ବର୍ଷା ଯୋଗୁଁ ବାଲେଶ୍ୱର ଜିଲ୍ଲାରେ ପ୍ରଭାବିତ ହେଉଥିବା ସୁବର୍ଣ୍ଣରେଖା ଏବଂ ଜଳକା ନଦୀର ଜଳସ୍ତର ବୃଦ୍ଧି ପାଉଛି । ବାଲେଶ୍ୱର ରାଜଘାଟରେ ସତର୍କ ସଙ୍କେତ ୯ ଦଶମିକ ୪/୫ ମିଟର ଓ ବିପଦ ସଙ୍କେତ ୧୦ ଦଶମିକ ୩/୬ ମିଟର ଥିବା ବେଳେ ସୁବର୍ଣ୍ଣରେଖା ନଦୀର ଜଳସ୍ତର ଗତକାଲି ସକାଳେ ୬ ଦଶମିକ ୫/୨ ମିଟର ଥିଲା । ସେହିପରି ଜଳକା ନଦୀର ଜଳସ୍ତର ୪ ଦଶମିକ ୯/୯ ମିଟରରେ ପହଁଞ୍ଚିଛି । ଏହି ନଦୀର ବିପଦ ସଙ୍କେତ ମଥାନୀଠାରେ ୬ ଦଶମିକ ୫/୦ ମିଟର ଧାର୍ଯ୍ୟ କରାଯାଇଛି । ଯଦି ଆଗାମୀ ଦିନରେ ବର୍ଷା ନ ହୁଏ ତେବେ ଏହି ଦୁଇନଦୀରେ ବନ୍ୟାର  ଆଶଙ୍କା ନାହିଁ ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି ।

***Sambalpur***

## ହୀରାକୁଦ– ଜଳ ନିଷ୍କାନ

ହୀରାକୁଦର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ନଦୀବନ୍ଧର ଜଳସ୍ତର ବୃଦ୍ଧି ପାଇଛି । ନଦୀବନ୍ଧ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଅନୁସାରେ ହୀରାକୁଦ ଜଳଭଣ୍ଡାରର ଆଉ ୮ଟା ଗେଟ୍  ଖୋଲାଯାଇଛି । ବର୍ତ୍ତମାନ ନଦୀ ବନ୍ଧରୁ ୧୪ଟି ଗେଟ୍ ଦେଇ ଦେଇ ମହାନଦୀ ଏବଂ କେନାଲଗୁଡ଼ିକୁ ବନ୍ୟାଜଳ

ନିଷ୍କାସନ କରାଯାଉଛି। ମଧ୍ୟାହ୍ନ ୧୨ଟା ସୁଦ୍ଧା ଜଳଭଣ୍ଡାରକୁ ୨ ଲକ୍ଷ ୧୮ ହଜାର ୬୨୭ କ୍ୟୁସେକ ପାଣି ପ୍ରବେଶ କରୁଥିବାବେଳେ ୧ ଲକ୍ଷ ୩୦ ହଜାର ୨୫୩ କ୍ୟୁସେକ ପାଣି ମହାନଦୀକୁ ଛଡ଼ାଯାଉଛି। ବର୍ତ୍ତମାନ ଜଳଭଣ୍ଡାରର ଜଳସ୍ତର ୬୨୧ ଦଶମିକ ୩/୭ ଫୁଟ ରହିଛି। ସୂଚନାଯୋଗ୍ୟ, ହୀରାକୁଦର ଜଳଭଣ୍ଡାରର ଜଳଧାରଣ କ୍ଷମତା ୬୩୦ ଫୁଟ।

***Desk***

## ଯୁକ୍ତ ଦୁଇ ନାମଲେଖା

ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ– ଯୁକ୍ତ ଦୁଇ କଲେଜଗୁଡ଼ିକରେ ଖାଲି ପଡ଼ିଥିବା ସିଟ୍‌ରେ ନାମ ଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆସନ୍ତା ସେପ୍ଟେମ୍ବର ମାସ ୬ ତାରିଖରୁ ଆରମ୍ଭ ହେବ। ଅନ୍‌ଲାଇନ୍ ଜରିଆରେ ସାମ୍ସ ଓଡ଼ିଶା ୱେବସାଇଟ୍‌ରେ ନାମଲେଖା ଚାଲିବ। ଦ୍ୱିତୀୟ ପର୍ଯ୍ୟାୟ ନାମଲେଖାର ଶେଷ ତାରିଖ ହେଉଛି ସେପ୍ଟେମ୍ବର ମାସ ୧୩ ତାରିଖ।

***BHK***

## ଡେଙ୍ଗୁ ରୋଗୀ ଚିହ୍ନଟ

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକର ବିଭିନ୍ନ ପଞ୍ଚାୟତରେ ଡେଙ୍ଗୁରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଧାମନଗର ବ୍ଲକର ବୟାଙ୍ଗଡିହି, ଚୁଡ଼ାକୁଟି, କୋଠାର, କୋଳେଇପଦା ଅଞ୍ଚଳରୁ ୧୦ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି।  ସେହିପରି ଦୋବଲ ପଞ୍ଚାୟତର ସୋଧ ଗ୍ରାମରେ ଅନ୍ୟ

ଜଣେ ଡେଙ୍ଗୁ ପୀଡ଼ିତଙ୍କୁ ପ୍ରଥମେ ଯାଜପୁର ଓ ପରେ କଟକକୁ ସ୍ଥାନାନ୍ତରିତ କରାଯାଇଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। ଖବର ପାଇ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଡାକ୍ତରୀ ଦଳ ସୋଧ ଗ୍ରାମରେ ପହଁଞ୍ଚି ଗ୍ରାମବାସୀଙ୍କୁ ଡେଙ୍ଗୁ ରୋଗର ପ୍ରତିକାର ଏବଂ ଲୋକଙ୍କୁ ସଚେତନ କରାଇବା ପାଇଁ ପ୍ରୟାସ ଜାରି ରଖିଛନ୍ତି।

***Desk***

## ସ୍କିଲ ଇଣ୍ଡିଆ ମିଶନ

ଯୁବକମାନଙ୍କର ବୃଦ୍ଧି ନେଇ ସ୍କିଲ ଇଣ୍ଡିଆ ମିଶନ ଓ ସ୍କିଲ୍ ଓଡ଼ିଶା ମିଶନ ପକ୍ଷରୁ ଭ୍ରମଣ କରୁଥିବା କୌଶଳ ରଥ ଆଜିଠାରୁ ସୁବର୍ଣ୍ଣପୁର ଜିଲ୍ଲାରେ ପରିକ୍ରମା ଆରମ୍ଭ କରିଛି। ବୈଷୟିକ ଜ୍ଞାନ ସହ ଡିଜିଟାଲ ସ୍ୱାକ୍ଷରତା, ଆର୍ଥିକ ସ୍ୱାବଲମ୍ବୀ ଏବଂ ଯୁବକମାନଙ୍କର ଦକ୍ଷତା ବୃଦ୍ଧି ନେଇ ଏହି କୌଶଳ ରଥରେ ସମସ୍ତ ପ୍ରକାର ସୂଚନା ପ୍ରଦାନ କରାଯାଉଛି। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର କୌଶଳ ରଥକୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି। କୌଶଳ ରଥ ସୁବର୍ଣ୍ଣପୁର ଜିଲ୍ଲାର ୧୮ଟି ଶିକ୍ଷାନୁଷ୍ଠାନକୁ ଯାଇ ଛାତ୍ରଛାତ୍ରୀମାନଙ୍କୁ ବୈଷୟିକ ଜ୍ଞାନ ଏବଂ ଅର୍ଥନୀତିର ଉନ୍ନତିରେ ଡିଜିଟାଲ ଜ୍ଞାନ ଉପରେ ସୂଚନା ଦେବ।

***Desk***

# ସାମ୍ବାଦିକ ବୀମା ଯୋଜନା

ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କ ଏକ ପ୍ରତିନିଧି ଦଳ ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟି  ଗୋପବନ୍ଧୁ ସାମ୍ବାଦିକ ବୀମା ଯୋଜନାର

ନବୀକରଣ ସଂପର୍କରେ ଆଲୋଚନା କରିଛନ୍ତି । ଏ ନେଇ ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଆସନ୍ତା ୩୧ ତାରିଖରେ ସାମ୍ବାଦିକ ସ୍ୱାସ୍ଥ୍ୟବୀମାର ଅବଧି ଶେଷ ହେଉଛି । ୨୦୧୮ ମସିହାରୁ ରାଜ୍ୟ ସରକାର କାର୍ଯ୍ୟରତ ସାମ୍ବାଦିକ ଏବଂ ସେମାନଙ୍କ ପରିବାର ପାଇଁ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ଯୋଗାଇ ଦେଉଛନ୍ତି ।

***Desk***

# ଦର୍ଶନ ବନ୍ଦ

ଭାଦ୍ରବ କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ରାହୁରେଖା ଲାଗି ନୀତି ଅନୁଷ୍ଠିତ ହେବ । ଏଥିପାଇଁ ଅପରାହ୍ନ ୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।